# Akashvani, Sambalpur

## SAMBALPURI NEWS BULLETIN

### 15 May 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ରାଜ୍ୟ କେବିନେଟ୍     I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍‌ଥି ଶିକ୍ଷାନୁଷ୍ଠାନ୍ ନ ନୂଆଁ ସଂରକ୍ଷଣ୍ ବ୍ୟବସ୍ଥା ସହେତେ ଭିନ୍ ଭିନ୍ ବିଭାଗ୍‌ର ୬ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ ।

୨୦୨୫-୨୬ ଶିକ୍ଷା ବଛର୍‌ନୁ ସବୁ ସର୍‌କାରୀ ବିଶ୍ୱବିଦ୍ୟାଳୟ ଆଉ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ୧୧ ଦଶ୍‌ମିକ୍ ୨/୫ ପ୍ରତିଶତ୍ ସଂରକ୍ଷଣ୍, ୨୦୨୫ ଏପ୍ରିଲ୍ ୧ ନୁ ମମତା ଆଉ ପ୍ରଧାନ୍‌ମନ୍ତ୍ରୀ ମାତୃବନ୍ଦନା ଯୋଜ୍‌ନାକେ 'ମମତା- ପି.ଏମ୍.ଏମ୍.ଭି.ଓ୍ୱାଇ' ନାଁଥି  ମିଲିତ୍ ଭାବେ କାର୍ଯ୍ୟକାରୀ କର୍‌ବାର୍, ଓଡ଼ିଶା ଆଇଟିଆଇ ସେବା ନିୟମ୍‌ଥି ସଂଶୋଧନ୍, ଭିନ୍ ଭିନ୍ ପଦ୍‌ବୀଥି ଶାରୀରିକ୍ ମାପ ଆର୍ ଦକ୍ଷତା ପରୀକ୍ଷା ଲାଗି ଥିବା ସମନ୍ୱିତ ନିଯୁକ୍ତି ପରୀକ୍ଷା ନିୟମ୍-୨୦୨୨ ଥି ସଂଶୋଧନ୍ ବାବଦ୍ ପ୍ରସ୍ତାବ୍‌କେ ବୈଠକ୍‌ଥି ଅନୁମୋଦନ୍ ମିଲିଛେ ବୈଠକ୍

ଉତ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ୍ ଶୁଣାଣି ଶିବିର୍/ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆଏବା ୧୯ ତାରିଖ୍ ନୂଆଁ ଜାଗା ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଅଶୋକ ନଗର୍ କେପିଟାଲ୍ ନର୍ସରୀ ପାଖେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ଠାନେ ହେବା । ଇଥିର୍‌ଲାଗି ଆଏବାକାଏଲ୍‌ଠାନୁ ପଞ୍ଜିକରଣ୍ ମୁଲ୍ ହେବା । ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଆଉ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ।

ଧାନ୍ ଘିନା I&PR

ରାଏଜେ ଗଲାକାଏଲ୍‌ଠାନୁ ମୁଲ୍ ହେଇଥିବା ଧାନ୍ ଘିନା ପ୍ରକ୍ରିୟାର ତଦାରଖ୍ ଲାଗି ଖାଦ୍ୟଯୋଗାଣ ନିଗମ ପରିଷଦ୍ ନ 'ନିର୍ଦ୍ଦେଶ୍ ନିୟନ୍ତ୍ରଣ୍ ଆର୍ ଅଭିଜ୍ଞତା କେନ୍ଦ୍ର' ଚାଲିଛେ । ଇ କେନ୍ଦ୍ରକେ ଗଲାକାଏଲ୍ ଖାଦ୍ୟ

ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଲି ଦେଖ୍‌ବାର୍ ସହେତେ ଧାନ୍ ଘିନା ବେଲ୍‌କେ କେନ୍‌ସି ଅଭିଯୋଗ୍ ଆସ୍‌ଲେ ତାର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ମଣ୍ଡିମାନ୍‌କେ ଚାଲିଥିବା ଧାନ୍ ଘିନା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର୍ ତଦାରଖ୍, ମଣ୍ଡିନୁ ମିଲ୍‌କେ ଯାଉଥିବା ଗାଡ଼ିମାନ୍‌କର୍ ଟ୍ରାକିଂ ଆର୍ ଲାଇଭ୍ ଫୁଟେଜ୍ ବ୍ୟବସ୍ଥା ବାବ୍‌ଦେ ମନ୍ତ୍ରୀ ତଦାରଖ୍ କରିଛନ୍ । ଚାଷୀମାନେ କିଛି ଅସୁବିଧା ହେଲେ ଟୋଲ୍ ଫ୍ରି ନମ୍ବର୍ ୧୯୬୭ କେ ଯୋଗାଯୋଗ୍ କରିପାର୍‌ବେ ବଲି ମନ୍ତ୍ରୀ କହିଛନ୍ ।

ମୁଖ୍ୟ ଉନ୍ନୟନ୍ ଅଧିକାରୀ ସମ୍ମିଳନୀ I&PR

ମୁଖ୍ୟ ଉନ୍ନୟନ୍ ଅଧିକାରୀ- କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ଗୋଷ୍ଠୀ ଉନ୍ନୟନ୍ ଅଧିକାରୀମାନ୍‌କର ୨ ଦିନିଆ ସମ୍ମିଳନୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବାଭବନ୍ ଠାନେ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିନର୍ ୧୦ ବଜେ ଇତାକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଶିକ୍ଷକ୍ ବଦ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷାବର୍ଷରୁ ରାଜ୍ୟର୍ ସବୁ ପ୍ରାଥମିକ ଆଉ ମାଧ୍ୟମିକ ସ୍କୁଲ୍‌ର ଶିକ୍ଷକ୍ ମାନ୍‌କର୍ ବଦ୍‌ଲି ପ୍ରକ୍ରିୟା କେଲେଣ୍ଡର୍ ବାହାରିଛେ । ଇଥିର୍‌ଲାଗି ଆବେଦନ୍ ଆଏଜ୍‌ଠାନୁ ମୁଳ୍ ହେଇଛେ । ଆନୁଷଙ୍ଗିକ ପ୍ରକ୍ରିୟା ସର୍‌ଲା ଉତ୍‌ରୁ ଜୁନ୍ ୩୦ ତାରିଖ୍‌ତକ୍ ବଦ୍‌ଲି ନିର୍ଦ୍ଦେଶ୍ ଦିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିରୁ କୁହାଯାଇଛେ ।

ସର୍‌କାରୀ ଜମି- ଶିକ୍ଷ                    ଏକ୍ସ

ରାଜ୍ୟ ସର୍‌କାର୍‌ଙ୍କର୍ ନୁ ଜମି ନେଇକରି ଶିକ୍ଷ ଥାପ୍‌ନା ନାଇଁ କରୁଥିବା ଶିକ୍ଷାନୁଷ୍ଠାନ୍ ମାନ୍‌କର୍‌ନୁ ଜମି ଫିରେଇ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏବା ୨ ମାସ୍ ଭିତ୍‌ରେ ତାଲିକା ପ୍ରସ୍ତୁତ୍ ଲାଗି ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଦର୍‌କାର୍ ଠାନୁ ଅଏତ୍‌କା ଜମି ରଖ୍‌ବାର୍ ଆର୍ ଇତାର୍ ସଠିକ୍ ବିନିଯୋଗ୍ ନାଇଁ କରୁଥିବା ଶିକ୍ଷସଂସ୍ଥା ଜମି ଫିରାବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ତ୍ରିରଙ୍ଗା ଯାତ୍ରା-୧          ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ଭାରତୀୟ ସୈନିକ୍‌ମାନଙ୍କର ତ୍ୟାଗ୍ ଆଉ ବଲିଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ବାଇକ୍

ଶୋଭାଯାତ୍ରାର ଆୟୋଜନ୍ କରାଯାଇଛେ । ଶୋଭାଯାତ୍ରା ସଖାଲର୍ ୮ ବଜେ ସହରର୍ ନେଲ୍ସନ ମଣ୍ଡେଲା ଛକ୍ଠାନୁ ବାହାରିକରି ସମଲେଇ ମନ୍ଦିର୍ତକ୍ ଯିବା ।
ବୌଦ୍ଧ ଜିଲ୍ଲା ନ ଭିଲ୍ ଆଏଜ୍ ତ୍ରିରଙ୍ଗା ବାଇକ୍ ରେଲି ଆୟୋଜନ୍ କରାଯିବା ।

ବିପର୍ଯ୍ୟୟ କମିଟି ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାସ୍ତରୀୟ ପ୍ରାକୃତିକ୍ ବିପର୍ଯ୍ୟୟ ଆଉ ପରିଚାଲନା କମିଟି ବୈଠକ୍ ଜିଲ୍ଲାପାଳ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବନ୍ୟା, ବାତ୍ୟା ବାଗିର୍ ପ୍ରାକୃତିକ ବିପର୍ଯ୍ୟୟକେ କେନ୍ତା ମୁକାବିଲା କରାଯାଇପାର୍ବା ଆର୍ ଇଥିର୍ଲାଗି ଦର୍କାର୍ ହେଉଥିବା ଜରୁରୀ ପଦକ୍ଷେପ୍ ବାବ୍ଦେ ବୈଠକ୍ଥି ଆଲୋଚନା ହେଇଥିଲା । କଲାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ବୈଠକ୍ଥି ଯୋଗ୍ ଦେଇଥିଲେ ।

ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ଆର୍ଏନ୍ୟୁ/ ସମ୍ବଲପୁର
ବିହାର୍ ନ ଚାଲିଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ଥି ଓଡ଼ିଶା ବାଳିକା ହକି ଦଲ୍ ସ୍ୱର୍ଣ୍ଣପଦକ୍ ଜିତିଥିଲା ବେଲ୍କେ ୧୮ ବଛର୍ନୁ କମ୍

ବାଳକ ଫୁଟ୍‌ବଲ୍ ଦଲ୍ ରୌପ୍ୟ ପଦକ୍ ଜିତିଛେ । ଗଲାକାଏଲ୍ ହେଇଥିବା ଫାଇନାଲ୍ ମେଚ୍‌ଥି ଓଡ଼ିଶା ହକି ଦଲ୍ ଝାଡ଼ଖଣ୍ଡ ଦଲ୍‌କେ ୩-୧ ଗୋଲ୍‌ଥି ହରେଇଥିଲା । ସ୍ୱର୍ଣ୍ଣପଦକ୍ ଜିତିଥିବା ବାଳିକା ଦଲ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଆର୍ ଭିତ୍‌ରିଆ ଇଲାକା ମାନ୍‌କେ ଧୁକାଗର୍ଡ଼ି ସହେତେ ଘଡ଼୍‌ଘଡ଼ି ଆର ବର୍ଷା ହେଇପାରେ । ୧୯ ଟା ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଜବର୍ ଧୁକାଗର୍ଡ଼ି ହେଇପାରେ ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।